## ସଂକ୍ଷେପରେ

### ୧୨ ଫୁଟିଆ ଅହିରାଜ ସାପ ଉଦ୍ଧାର



ବୁଗୁଡା,୯।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ପଙ୍କଲସାହି ବନ୍ଧରୁ ରବିବାର ଏକ ୧୨ ଫୁଟିଆ ଅହିରାଜ ସାପ ଉଦ୍ଧାର କରାଯାଇଛି। ଉକ୍ତ ବନ୍ଧରେ ଜାଲ ପଡ଼ିଥିବା ବେଳେ ଗୋଟିଏ ଢ଼ାମଣା ସାପକୁ ଖାଇବାକୁ ଆସି ଉକ୍ତ ଅହିରାଜ ସାପଟି ଜାଲରେ ପଡ଼ି ଯାଇଥିଲା। ବି.କରଡ଼ାବାଡ଼ିର ସ୍ନେକ୍ ହେଲପ୍ ଲାଇନ୍ ସଭ୍ୟ ହରିଶ ପାଢ଼ୀ ପହଞ୍ଚି ସାପଟିକୁ ଧରି ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ପୂର୍ବତନ ବିଧାୟକଙ୍କ ମାଡ଼ ଘଟଣା

# ଯୁବତୀଙ୍କ ଭିନ୍ନମତକୁ ନେଇ ଉଠୁଛି ପ୍ରଶ୍ନ

**ଫୁଲବାଣୀ ଅଫିସ, ୯।୯**

କନ୍ଧମାଳ ଜିଲା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଜଣେ ଯୁବତୀଙ୍କୁ ତାଙ୍କ ଘରେ ମାଡ ମାରିବା ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ । ଯୁବତୀ ଜଣକ ତାଙ୍କ ଏତଲାରେ ଆକ୍ରମଣ କରିଥିବା ନେଇ ଦର୍ଶାଇଥିବା ବେଳେ ପୁଣି ଭିଡିଓ ଭାଇରାଲ କଥା କହିଛନ୍ତି । ଯାହା ଏସ୍‌ପି ଶନିବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ । ହେଲେ ବିଭିନ୍ନ ଗଣମାଧ୍ୟମରେ ଯୁବତୀଙ୍କ ଭିନ୍ନମତକୁ ନେଇ ଏବେ ପ୍ରଶ୍ନ ଉଠିଛି । ସେ କେତେବେଳେ କ'ଣ କହୁଛନ୍ତି ତାହା ନିଜେ ଜାଣି ପାରୁ ନାହାନ୍ତି । ତାଙ୍କୁ ରବିବାର ଧରିତ୍ରୀ ପକ୍ଷରୁ ପ୍ରତିକ୍ରିୟା ନେବା ବେଳେ ସେ ବିଭିନ୍ନ କଥା କହିଛନ୍ତି। ଏପରିକି ମୁଁ ବାଉଳାରେ କାହାକୁ କ'ଣ କହିଥିବି ବୋଲି ପ୍ରକାଶ କରିଛନ୍ତି । ମୋତେ ବିଭିନ୍ନ ଲୋକ ଆସି ପ୍ରଶ୍ନ କରୁଛନ୍ତି । ମୁଁ କ'ଣ ସମସ୍ତଙ୍କୁ ସେହି କଥା କହି ପାରିବି ବୋଲି କହିଛନ୍ତି। ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସମ୍ପୂର୍ଣ୍ଣ ଘଟଣାକୁ ଦେଖିଲେ ଏତଲା ଗୋଟିଏ ପ୍ରକାର, ଭିଡିଓ ଭାଇରାଲ ଅନ୍ୟ କଥା ଏବଂ ଶେଷରେ ଏହାକୁ ନେଇ ଦେବେନ୍ଦ୍ରଙ୍କ ବିରୋଧୀଙ୍କ ପକ୍ଷରୁ ରାଜନୀତି କରଣ କରାଯାଉଛି । ସେହିପରି ଖବରଦାତା ସମ୍ମିଳନୀରେ ସମ୍ପୃକ୍ତ ଯୁବତୀଙ୍କୁ ସିକ୍ୟୁରିଟି ପ୍ରଦାନ ନେଇ ପ୍ରଶ୍ନ କରାଯାଇଥିଲା । ଏସ୍‌ପି କହିଥିଲେ, ଯୁବତୀଙ୍କ ତରଫରୁ ଆମକୁ କୌଣସି ଆବେଦନ କରାଯାଇ ନାହିଁ । ରବିବାର ଖବର ସଂଗ୍ରହ କରିବାକୁ ଯିବା ବେଳେ ସିକ୍ୟୁରିଟି କିପରି ସେଠାରେ ଥିଲେ ତାହା କୁହେଳିକା ସୃଷ୍ଟି କରିଛି । ସମ୍ପୃକ୍ତ ଯୁବତୀ ଶେଷରେ କହିଛନ୍ତି, ମୋ ନାମରେ ଯେଉଁ ନିର୍ଦ୍ଦିଷ୍ଟ ଚାନେଲରେ ଭିଡିଓ ଭାଇରାଲ ହୋଇଛି ମୁଁ ମାମଲା ରୁଜୁ କରିବି । ସେହି ଫଟୋ କୌଣସି ସୋସିଆଲ ମିଡିଆରେ ଭାଇରାଲ ନ କରିବାକୁ ମୁଁ ନିବେଦନ କରୁଛି। ଦେବେନ୍ଦ୍ରଙ୍କ ସହ ମୋର ବ୍ୟକ୍ତିଗତ ଗଣ୍ଡଗୋଳ । ଏହାକୁ ନେଇ ଅଧିକ ଚର୍ଚ୍ଚା ନ ହେଉ ।

## ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଚୟନ

**ବାଲିଗୁଡ଼ା,୯।୯(ଡି.ଏନ.ଏ.):** ବାଲିଗୁଡା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ବିଜୟ ଚନ୍ଦ୍ର ଖଣ୍ଡଗିରି, ଉପସଭାପତି ଭାବେ ଆଦିକନ୍ଦ ମହାରଣା, ସମ୍ପାଦକ ଭାବେ ରବୀନ୍ଦ୍ର ନାଥ ରଥ, ସହ ସମ୍ପାଦକ ଭାବେ ଡି. ନାଗେଶ୍ୱର ରାଓ ଓ କୋଷାଧ୍ୟକ୍ଷ ଭାବେ ଜେ. ଦେବରାଜ ପାତ୍ରଙ୍କୁ ମନୋନୀତ କରାଯାଇଛି। ବାଲିଗୁଡାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ବରିଷ୍ଠ ନାଗରିକଙ୍କ ବିଭିନ୍ନ ଅସୁବିଧାରେ ସଂଘ ସହାୟତା କରିବ ବୋଲି ସଭାପତି କହିଛନ୍ତି।

## ମଦ ଜବତ, ୨ ଗିରଫ

**ଫିରିଙ୍ଗିଆ, ୯।୯**

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପୋଲିସ ରବିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଖରେ ଚଢ଼ାଉ କରି ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଟବହାଲିର ପ୍ରଦୀପ କୁମାର ଦାସ ଓ ଲାମ୍ବାଖେଟାର ସହଦେବ ମଲ୍ଲିକ। ସେମାନଙ୍କ ପାଖରୁ ୨ ପେଟି ବିଅର, ୪୮ ବୋତଲ ବିଦେଶୀ ମଦ ଏବଂ ଗୋଟିଏ ବାଇକ ଜବତ କରାଯାଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି।

## ବିଇଡି ଶିକ୍ଷକ ସଂଘର ବୈଠକ

**ସୋରଡ଼ା,୯।୯(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ବିଇଡି ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ବଡ଼ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବିଭିନ୍ନ ଦାବି ନେଇ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଶୋଭାଯାତ୍ରାରେ ସାମିଲ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଇଡି ଶିକ୍ଷକମାନଙ୍କୁ ବିଷୟଭିତ୍ତିକ ଶିକ୍ଷକ ମାନ୍ୟତା ଦେବା, ବିଇଡି ସ୍କେଲରେ ଦରମା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ




ମଞ୍ଚାସୀନ ଅତିଥିବୃନ୍ଦ।

**କୁକୁଡ଼ାଖଣ୍ଡି,୯।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର କାର୍ଯ୍ୟକାରୀ ଅଧିକାରୀ ଭୁବନେଶ୍ୱର ଅରୁପ ପଟ୍ଟନାୟକ , ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ଚଞ୍ଚଳ ରଣା ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସୁଧୀର ଦିଗାଲ, ସନ୍ତୋଷ କୁମାର ସାହୁ, ସୀମାଞ୍ଚଳ ଦାସ, ଚନ୍ଦ୍ରଶେଖର ପଣ୍ଡା, ସୁନିଲ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ବ୍ଲକ ଜନ ପ୍ରତିନିଧି ତଥା ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ୯ନଂ ଜୋନ ଜିଲା ପରିଷଦ ନିରୁପମା ପାତ୍ର, ମସିହାଖାଲି ସମିତିସଭ୍ୟ ନରସିଂହ ସାହୁ, ଦିଗପହଣ୍ଡି ବିଧାୟକ ତଥା ମନ୍ତ୍ରୀ ପ୍ରତିନିଧି ସନ୍ତୋଷ ଚୌଧୁରୀ, ଗୋପାଳପୁର ବିଧାୟକ ପ୍ରତିନିଧି ଦିଲିପ କୁମାର ପାତ୍ର, ରାଜ୍ୟ ଯୁବ ସମ୍ପାଦକ କାହ୍ନୁ ଚରଣ ପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜୁ ଯୁବ ବାହିନୀର ସଦସ୍ୟ ସୀତାରାମ ପାତ୍ର, ସଞ୍ଜୟ କୁମାର ସାହୁ, ଲିଙ୍ଗନ ପାତ୍ର, ସୁଧିର କୁମାର ମହାରଣା, ନଳିନୀକାନ୍ତ ପାତ୍ର, ନାରାୟଣ ପାତ୍ର, ବଳରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରିଲା ଆଇଆରବି କନ୍‌ଷ୍ଟେବଲ ଲିଖିତ ପରୀକ୍ଷା

**ଭଞ୍ଜନଗର,୯।୯(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ରବିବାର କଡ଼ା ସୁରକ୍ଷା ମଧ୍ୟରେ ଇଣ୍ଡିଆନ ରିଜର୍ଭ ବାଟାଲିୟନ (ଆଇଆରବି) କନଷ୍ଟେବଲ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଫଳାଫଳ ପ୍ରକାଶ ପରେ ଭଞ୍ଜନଗର ଆଇଆରବିରେ ଖାଲିଥିବା ୧୧୦ କନଷ୍ଟେବଲ ପଦବୀ ପୂରଣ ହେବ। ଲିଖିତ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ପ୍ରାର୍ଥୀମାନଙ୍କ ଯାଞ୍ଚ କଡ଼ାକଡ଼ି ସହ ପରୀକ୍ଷା ହଲ୍ ଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ପରୀକ୍ଷା ପରିଚାଳନାରେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି, ଭଞ୍ଜନଗର ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସଙ୍କ ସମେତ ଆଇଆରବିର ବରିଷ୍ଠ ଅଧିକାରୀମାନେ ସହଯୋଗ କରିଥିଲେ।

## କ୍ଷତ୍ରିୟବରପୁର କଲେଜ ଉନ୍ନତି ପାଇଁ ବୈଠକ

**ଭଞ୍ଜନଗର,୯।୯(ଡି.ଏନ.ଏ.)**

ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ଆଞ୍ଚଳିକ ଡ଼ିଗ୍ରୀ କଲେଜର ଉନ୍ନତି ପାଇଁ ଏକ ବୈଠକ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋରଡ଼ା ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ନୂତନ ଭାବେ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ କରିଥିବା ସୁବାସ ଚନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ନାୟକ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ରଙ୍କନିଧି ସାହୁ, ସ୍ୱର୍ଣ୍ଣଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଏହାର ସମାଧାନ କରାଯିବ ବୋଲି ସଭାପତି ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଆମ ପୋଲିସ ସମିତି ବୈଠକ

**ରାଇକିଆ,୯।୯(ଡ଼ି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆ ପୋଲିସ ରବିବାର ଥାନା ଅଭ୍ୟର୍ଥନା ଗୃହଠାରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଥାନା ଅଧିକାରୀ ନରେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଆଇନ ମଦ କାରବାର ବନ୍ଦ, ଟ୍ରାଫିକ ସମସ୍ୟା, ବାଲ୍ୟ ବିବାହ,ମହିଳା ନିର୍ଯ୍ୟାତନା ରୋକିବା, ପାରିବାରିକ ସମସ୍ୟା, ଗ୍ରାମାଞ୍ଚଳରେ ଲାଗିରହିଥିବା ଜମିଜମା ସମସ୍ୟାର ସରଳ ସମାଧାନ ପାଇଁ ଆଲୋଚନା ହୋଇଥିଲା । ଜି.ଉଦୟଗିରି ଏସ୍‌ଡ଼ିପିଓ ଜୟକୃଷ୍ଣ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ଗିତାଞ୍ଜଳୀ ନାୟକ, ବେରେଡ଼ାକିଆ ସରପଞ୍ଚ ରଶ୍ମିତା ପ୍ରଧାନ, ଭଜ ରାମ ପତି, ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧି, ସହରର ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ।

## ଡିସେମ୍ବର ୧୭ରେ ଆଙ୍କୋଲି ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ

**ବ୍ରହ୍ମପୁର ଅଫିସ,୯।୯**

ଆଙ୍କୋଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ସଭାପତି ଭାଗୀରଥି ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟର୍ ଶାନ୍ତି ଦାସ, ସିଆର୍‌ସିସି ପ୍ରସନ୍ନ ପ୍ରଧାନ, ଏମ୍.ବନମାଳୀ ପାତ୍ର, ପ୍ରକାଶ ଚନ୍ଦ୍ର ଘଟୁଆ, ଲାଇନ୍ ଲାଇନ୍ ସଭାପତି ଏଲ୍.ସୁଦାମ ଦାସ, ପି.ଶଙ୍କର ରାଓ, ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଡିସେମ୍ବର ୧୭ ଏବଂ ୧୮ ତାରିଖରେ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, ପ୍ରତିଭା ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଆଦି ଅନୁଷ୍ଠିତ ହେବ । ବୈଠକରେ ଏମ୍.ଶତ୍ରୁଘ୍ନ ପାତ୍ର, ବାବୁ ମହାରଣା, ପ୍ରମୋଦ ପ୍ରଧାନ, ଗିରିଧାରୀ ରେଡ୍ଡୀ, କାର୍ତ୍ତିକ ମଣ୍ଡଳ, ଏଲ୍.ଜଗନ୍ନାଥ ଦାସ, ଇଂ. ଅରକ୍ଷିତ ସାହୁ, ମୁନା ସେଠୀ, ଏଲ୍.ପ୍ରହଲ୍ଲାଦ ଦାସ, ବାବୁଲା ପ୍ରଧାନ, ସୁବୋଧ ଚୌଧୁରୀ, ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଞ୍ଜାମରେ ଜନଜାଗରଣ ଯାଥାକୁ ସମ୍ବର୍ଦ୍ଧନା

**ଗଞ୍ଜାମ,୯।୯(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ବିରୋଧି କାର୍ଯ୍ୟକୁ ବିରୋଧ କରି ଅଖିଳ ଭାରତ ଟ୍ରେଡ୍ ୟୁନିଅନ (ଏଆଇଟିୟୁସି) ପକ୍ଷରୁ ଜନଜାଗରଣ ଯାଥା ପରିକ୍ରମା କରାଯାଉଛି। ଏହା ଶନିବାର ସନ୍ଧ୍ୟାରେ ଗଞ୍ଜାମରେ ପହଞ୍ଚିବା ପରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ବୃନ୍ଦାବନ ପଲାଇ ଅଧ୍ୟକ୍ଷତା କରିଥିଲେ। ଏଆଇଟିୟୁସି ଜିଲା ସଭାପତି ପ୍ରଶାନ୍ତ ପାଢୟୋଶୀ, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଓକିଲ କୈଳାସ ପଲାଇ, ଶ୍ରମିକ ସଂଗଠନ ସଭାପତି ଜୟକୃଷ୍ଣ ବାରିକ, ଏନ୍‌ଏସି କର୍ମଚାରୀ ସଂଘ ସଦସ୍ୟ ବିପିନି ବାରିକ, ହରିଶ୍ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ବିରୋଧରେ ବର୍ଷିଥିଲେ।



ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୧୦ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

ଆର.ଉଦୟଗିରି,୯।୯(ଡି.ଏନ.ଏ.): ଗଜପତି ଜିଲା ନୂଆଗଡ଼ ବ୍ଲକ ଖଜୁରିପଦା ଫାଣ୍ଡି ଅନୁସାହି ଛକ ନିକଟରେ ରବିବାର ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାତରା ଗ୍ରାମର ଦାବିଦ ଗମାଙ୍ଗ ଓରଫ ଜକବ। ଦାବିଦ ବାଇକରେ ଖଜୁରିପଦା ଆସୁଥିବା ବେଳେ ପାରଳାଖେମୁଣ୍ଡିରୁ ଆର.ଉଦୟଗିରି ଯାଉଥିବା ବୋଲେରୋ ଧକ୍କା ଦେଇଥିଲା। ଖଜୁରିପଦା ଗ୍ରାମର ୱାର୍ଡମେମ୍ବର ପୁରୁଷୋତ୍ତମ ପାଣିଗ୍ରାହୀ ତାଙ୍କୁ ଚିକିତ୍ସା ନିମନ୍ତେ ଖଜୁରିପଦା ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଜାକବଙ୍କୁ ପାରଳାଖେମୁଣ୍ଡି ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଛି।

### ଦୁର୍ଗା ମନ୍ଦିରରୁ ସୁନା, ରୁପା ଅଳଙ୍କାର ଚୋରି



ଗଞ୍ଜାମ,୯।୯(ଡି.ଏନ.ଏ.): ଗଞ୍ଜାମ ଥାନା ଦୁର୍ଗାଦେବୀ ସାହିସ୍ଥିତ ଦୁର୍ଗା ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି। ରବିବାର ସକାଳେ ପୂଜାରୀ ନବୀନ ଚନ୍ଦ୍ର ମହାପାତ୍ର ମନ୍ଦିର କବାଟ ଖୋଲିବାକୁ ଯାଇ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ଦୁର୍ଗା ମା'ଙ୍କ ସୁନାର ଏକ ଖାଆସୁମାଳ, କାନଫୁଲ, ରୁପା ଅଣ୍ଟା ପାଡିଆ, ମା'ଙ୍କ ରୁପା କିରିଟି ପ୍ରଭୃତି ନ ଥିବା ଦେଖି ସାହିଲୋକଙ୍କୁ ଜଣାଇଥିଲେ। ଥାନାଧିକାରୀ ଅନିଲ କୁମାର ମାହାନ୍ତି ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସାହିରେ ରହୁଥିବା ଏମ୍‌ପି ପ୍ରତିନିଧି ସୁଧିର କୁମାର ପାଢ଼ୀଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ନେଇ ଯାଞ୍ଚ କରୁଛି। ୭ ତୋଳା ସୁନା ଏବଂ ୨୦ ତୋଳା ରୁପା ଅଳଙ୍କାର ଚୋରି ଯାଇଥିବା ପୂଜକ କହିଛନ୍ତି।

### ଢୁଙ୍କାପଡ଼ାରେ ଚକ୍ଷୁ ଚିକିତ୍ସା ଶିବିର



ପୋଲସରା,୯।୯(ଡି.ଏନ.ଏ.): ପୋଲସରା ବ୍ଲକ ଢୁଙ୍କାପଡ଼ା ପଞ୍ଚାୟତ ଢୁଙ୍କାପଡ଼ା ଗ୍ରାମରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏହାକୁ ଉଦଘାଟନ କରିଥିଲେ। ଆଖପାଖ ଅଞ୍ଚଳର ପ୍ରାୟ ୧୭୦ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା ଲାଗି ନାମ ପଞ୍ଜୀକରଣ କରିଥିଲେ। ୩୫ ଜଣଙ୍କ ଚକ୍ଷୁ ଅସ୍ତ୍ରୋପଚାର ଲାଗି ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳବାର ଅନ୍ୟ କେତେଜଣଙ୍କୁ ପଠାଯିବ ବୋଲି ସରପଞ୍ଚ ପ୍ରତିନିଧି ବସନ୍ତ କୁମାର ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଡ଼ାକ୍ତର, କର୍ମଚାରୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷା ସଂଯୁକ୍ତା ବାଡ଼ତ୍ୟା, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀଙ୍କ ସମେତ ଗ୍ରାମବାସୀ ଓ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର




ଶେରଗଡ,୯।୯(ଡି.ଏନ୍.ଏ): ଶେରଗଡ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କରଡାକଣା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶଚନ୍ଦ୍ର ଜାନୀ ଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ବିଚାରକ ଭାବେ ଅଧ୍ୟାପକ କାହ୍ନୁଚରଣ ଲେଙ୍କା, ଅଧ୍ୟାପିକା ଡ. ରୀତାରାଣି ସ୍ୱାଇଁ ଯୋଗଦେଇଥିଲେ। ୧୪ଟି ବିଦ୍ୟାଳୟର ୧୪ ଜଣ ପ୍ରତିଯୋଗୀ ଉକ୍ତ ବିଜ୍ଞାନ ସେମିନାରରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷକ ନବୀନ ପାଢୀ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପିକା କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବିଜ୍ଞାନ ସେମିନାରରେ ଶିଳ୍ପ ବିପ୍ଳବ ପାଇଁ ଆମେ ପ୍ରସ୍ତୁତ କି ଉପରେ ଛାତ୍ରଛାତ୍ରୀ ମାନେ କହିଥିଲେ। ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ସୁବ୍ରତ ପ୍ରଧାନ, ନାଥେଶ୍ୱର ଉଚ୍ଚବିଦ୍ୟାଳୟର ଦୀପକ ପାତ୍ରଙ୍କୁ କୁନି ବୈଜ୍ଞାନିକ ଭାବେ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା।

## ବ୍ରାହ୍ମଣୀଗାଁରେ ଟ୍ରାନ୍ସଫର୍ମର ଅଚଳ
# ୫ ଦିନ ହେଲା ୮୦ ଗାଁ ଅନ୍ଧାରରେ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୯।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ବୁଧବାରଠାରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଛି। ୫ ଦିନ ପରେ ବି ଏହାକୁ ମରାମତି କରାଯାଇନାହିଁ। ଫଳରେ ବ୍ରାହ୍ମଣୀଗାଁ ଅଞ୍ଚଳର ୮ ପଞ୍ଚାୟତ ସମେତ ପଡ଼ୋଶୀ ଗଜପତି ଜିଲା ମୋହନା ବ୍ଲକର ପାଣିଗଣ୍ଡା, କଟାମାହା ଆଦି ପଞ୍ଚାୟତର ପ୍ରାୟ ୮୦ ଗ୍ରାମ ଅନ୍ଧାରରେ ରହିଛି। ବିଦ୍ୟୁତ ଅଚଳ ଯୋଗୁ ବିଏସଏନର ମୋବାଇଲ ସେବା ସହ ଇଣ୍ଟରନେଟ ସେବା ଅଚଳ ହୋଇପଡ଼ିଛି। ବାରମ୍ବାର ଟ୍ରାନ୍ସଫର୍ମର ଅଚଳ ଯୋଗୁଁ ଜନଅସନ୍ତୋଷ ଦେଖାଯାଇଛି। ମୋହନାରୁ ବ୍ରାହ୍ମଣୀଗାଁକୁ ୩୩ କେଭି ବିଦ୍ୟୁତ ତାର



ବ୍ରାହ୍ମଣୀଗାଁ ସବ୍‌ଷ୍ଟେଶନ।

ଆସି ବ୍ରାହ୍ମଣୀଗାଁଠାରେ ୧.୬ କେଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇ ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଉ ଥିବାରୁ ବିଭାଗ ପକ୍ଷରୁ ୫ କେଭିଏ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ବ୍ରାହ୍ମଣୀଗାଁ ସବ୍‌ଷ୍ଟେଶନଠାରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ଚାଲିଥିଲା। ୩୧ ତାରିଖରେ ଜଣେ କିନାରିଗାଁର ରାଜମିସ୍ତ୍ରି ପ୍ରଶାନ୍ତ ବିଶୋୟୀ ଉକ୍ତ କାର୍ଯ୍ୟ କରୁଥିବା

**ବିଏସ୍‌ଏନ୍‌ଏଲ୍ ସେବା ଠପ୍**

ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବା ସହ କ୍ଷତପୂରଣ ଦାବି କରିଥିଲେ। ପରେ ଠିକାସଂସ୍ଥା ଓ ବିଦ୍ୟୁତ ବିଭାଗ ଆନ୍ଦୋଳନକାରୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଦିନଠାରୁ ଉକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟକୁ ବିଭାଗ ବନ୍ଦ କରିଦେଇଛି। ଏ ନେଇ ମୋହନା ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ କେ.ସି.ଏଚ୍ ରେଡ୍ଡୀ କହିଛନ୍ତି ଯେ, ଟ୍ରନ୍ସଫର୍ମର ଅଚଳ ସମ୍ପର୍କରେ ଅଡ଼ବା କାର୍ଯ୍ୟାଳୟରୁ କୌଣସି ଲିଖିତ ରିପୋର୍ଟ ଆସିନି। ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ।

## ଶର୍ଟ ଷ୍ଟେ' ହୋମ, ଲଜ୍ ମାଲିକଙ୍କ ସହ ପୋଲିସର ବୈଠକ

ଦାରିଙ୍ଗବାଡ଼ି,୯।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ପରିସରରେ ଆଇଆଇସି ଅଲେଖ ଗରଡ଼ିଆଙ୍କ ଅଧ୍ୟକ୍ଷତାରେ ଦାରିଙ୍ଗବାଡ଼ି ଠାରେ ଥିବା ଲଜ୍ ଏବଂ ଶର୍ଟ ଷ୍ଟେ' ହୋମ ମାଲିକ ମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଲଜ୍‌କୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ସହ ସମସ୍ତ ପର୍ଯ୍ୟଟକଙ୍କ ଠାରୁ ନିଆଯାଉଥିବା ରୁମର ଭଡ଼ା ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଉଲ୍ଲେଖ ରଖିବାକୁ ଆଇଆଇସି ଗରଡ଼ିଆ କହିଥିଲେ। ଏଥିସହ ସନ୍ଦିଗ୍ଧ ବ୍ୟକ୍ତି ଆସନ୍ତି ତେବେ ପୋଲିସକୁ ତୁରନ୍ତ ଜଣାଇବାକୁ ପରାମର୍ଶ ଦେଇଥିଲେ। ସିସି କ୍ୟାମେରା ଲଗାଇବା, ଅଗ୍ନିଶମ ବିଭାଗ ଏବଂ ପ୍ରଦ୍ୟୁଷଣ ବୋର୍ଡ଼ର ଅନୁମତି ଆଣିବାକୁ ପରାମର୍ଶ ଦିଆଯିବା ସହ, ଅବହେଳା କଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି କହିଥିଲେ। ରାତ୍ରୀ ଯାପନ କରୁଥିବା ଯାତ୍ରୀଙ୍କ ତଥ୍ୟ ଚାର୍ଟ ମାଧ୍ୟମରେ ପୋଲିସକୁ ଜଣାଇବାକୁ କୁହାଯାଇଥିଲା। ଏଏସଆଇ ଆର.ଭିମୋରାଓ ରେଡ୍ଡୀ, ଲଜ୍ ମାଲିକ ଜିତେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ସାହୁ, ଦିଲିପ କୁମାର ସାହୁ, ଲଡୁ କିଶୋର ସାହୁ, ପୀତବାସ ମାଳ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଅଞ୍ଚଳରେ ବେଆଇନ ଭାବେ ରାତ୍ରୀ ଆଶ୍ରୟ ସ୍ଥଳୀ ଏବଂ ଏକାଧିକ ଲଜ୍ ଚାଲିଥିବା ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

## ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ,୯।୯(ଡି.ଏନ୍.ଏ.)

ବିଜୁ ଯୁବ ବାହିନୀ ପକ୍ଷରୁ 'ମୁଁ ହିରୋ, ମୁଁ ଓଡ଼ିଶା' ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶନିବାର ହିଞ୍ଜିଳିକାଟୁ କଲେଜ ଖେଳପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଥାନା ପରିସରରୁ ରଥକୁ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ବାଇକ ରାଲିରେ ସ୍ୱାଗତ କରି ଆଣିଥିଲେ। କଲେଜ ଖେଳପଡ଼ିଆ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରୀଟ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପ୍ରଧାନ ଯୋଗ ଦେଇଥିଲେ। ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଏନ. ରଘୁନାଥ,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନପ୍ରତିନିଧି।

ମୁଖ୍ୟମନ୍ତ୍ରୀଙ୍କ ଡ଼ିଆରଡ଼ିଏ ପ୍ରତିନିଧି ଶରତ ମହାପାତ୍ର, ପୌରପରିଷଦ ପ୍ରତିନିଧି ସଞ୍ଜୟ କୁମାର ପଣ୍ଡା, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ମ୍ୟୁନିସପାଲିଟି ଛାତ୍ର ବିଜେଡ଼ି ସଭାପତି ସବିର କୁମାର ପଣ୍ଡା, ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଚନ୍ଦ୍ରଶେଖର ପୃଷ୍ଟି ଯୋଗ ଦେଇଥିଲେ।

## ଉଦୟପ୍ରତାପ କଲେଜରେ ମୋମୋ ସଚେତନତା ସଭା

ଶେରଗଡ,୯।୯(ଡି.ଏନ୍.ଏ.)

ମୋମୋ ଗେମ୍ ନେଇ ଏକ ସଚେତନତା କର୍ମଶାଳା ଶେରଗଡ ଉଦୟ ପ୍ରତାପ ବିଜ୍ଞାନ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଶେରଗଡ ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଯୁବ ସମାଜ ଓ କଲେଜ ଛାତ୍ରଛାତ୍ରୀମାନେ ଏହି ଖେଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ ଓ ଏହାର ଭୟାବହତା ସମ୍ପର୍କରେ କହିଥିଲେ। କର୍ମଶାଳାରେ ଶେରଗଡ କଲେଜର ଅଧ୍ୟାପକ ଲୋକନାଥ ପରିଡା, ଉପେନ୍ଦ୍ର ବାଡତ୍ୟା, ଶିଶିର କାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମୋମେ ଗେମରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।

## କୃତୀ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା



ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଆସିକା,୯।୯(ଡି.ଏନ୍.ଏ.)

ଜାତୀୟ ସେବା ଯୋଜନାରେ ରାଜ୍ୟସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ସରୋଜ କୁମାର ପଣ୍ଡାଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଶନିବାର କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଧ୍ୟକ୍ଷ ସିଏଚ୍ ସନ୍ତୋଷ କୁମାର ସୁବୁଦ୍ଧି ଓ ସାମାଜିକ କର୍ମୀ ବଂଶୀଧର ନାହାକଙ୍କ ପକ୍ଷରୁ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସିକା ବିଜ୍ଞାନ କଲେଜର ଜାତୀୟ ସେବା ଯୋଜନା ମାଧ୍ୟମରେ ନିରନ୍ତର ସମାଜସେବା, ଚାରାରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଓ ଏନଏସଏସ ପକ୍ଷରୁ ନିଆଯାଇଥିବା ପୋଷ୍ୟ ଗ୍ରାମରେ ବିଭିନ୍ନ ଜନହିତକର କାର୍ଯ୍ୟ ନିମନ୍ତେ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ପଣ୍ଡାଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସିପିଆଇ(ଏମଏଲ)ରେଡଷ୍ଟାରର ଜିଲା ସମ୍ମିଳନୀ

ଆସିକା,୯।୯(ଡି.ଏନ୍.ଏ)

ସିପିଆଇ(ଏମଏଲ)ରେଡଷ୍ଟାର ଦଳର ୨ ଦିନିଆ ଦ୍ୱିତୀୟ ଗଞ୍ଜାମ ଜିଲା ସମ୍ମିଳନୀ ରବିବାର ଆସିକା ବସଷ୍ଟାଣ୍ଡ ନିକଟ ଓଡିଆ ସମାଜ ଗୃହଠାରେ ଆରମ୍ଭ ହୋଇଛି। ଜିଲା ସମ୍ପାଦକ ଶଙ୍କର ସାହୁ ଏବଂ ଜିଲା କମିଟି ସଦସ୍ୟ ପ୍ରମୋଦ ରଥ, ପି. ଯୋଗେନ୍ଦ୍ର, ଟୁନା ମଳିକଙ୍କ ସଭାପତି ମଣ୍ଡଳୀରେ ଏହି ସମ୍ମିଳନୀ ପରିଚାଳିତ ହେଉଛି। ପର୍ଯ୍ୟବେକ୍ଷକ ରୂପେ ଦଳର ରାଜ୍ୟ ସମ୍ପାଦକ ସାଥୀ ଶିବରାମ ଓ ରାଜ୍ୟ ସମ୍ପାଦନା ମଣ୍ଡଳୀ ସଦସ୍ୟ ସବ୍ୟସାଚୀ ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମ ଦିବସରେ ରାଜ୍ୟର ରାଜନୈତିକ ସ୍ଥିତି, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପ୍ରତି କର୍ପୋରେଟ ଶକ୍ତି ଦେଶରେ ଯେଉଁଭଳି ଭାବେ କାୟା ବିସ୍ତାର କରୁଛି, ତାହା ବିରୋଧରେ ଶ୍ରମଜୀବୀ ଜନସାଧାରଣ ସଂଗଠିତ ହୋଇ ପ୍ରତିହତ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଆସିକା, ବୁଗୁଡା, ଜଗନ୍ନାଥପ୍ରସାଦ, ପୋଲସରା, କବିସୂର୍ଯ୍ୟନଗର ଓ ଧରାକୋଟ ବ୍ଲକର ଦଳୀୟ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ମଞ୍ଚାସୀନ ଅତିଥିବୃନ୍ଦ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ଆନ୍ଦୋଳନ

ଭଞ୍ଜନଗର/ ଧରାକୋଟ/ ଖଲ୍ଲିକୋଟ/ସୋରଡ଼ା/ ହିଞ୍ଜିଳିକାଟୁ/ ବୁଗୁଡ଼ା/ଚନ୍ଦ୍ରଗିରି/ ଛତ୍ରପୁର/ ଫୁଲବାଣୀ ଅଫିସ, ୯।୯(ଡି.ଏନ୍.ଏ.)

ତୈଳଦର ବୃଦ୍ଧିକୁ ନେଇ ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ବିଜେଡି ପକ୍ଷରୁ ଧାରଣା ଦିଆଯିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। କେନ୍ଦ୍ର ସରକାର ଗତ ସାଢ଼େ ୪ବର୍ଷରେ ପେଟ୍ରୋଲ ଉପରେ ୧୨ଥର ଉତ୍ପାଦ ଶୁଳ୍କ ବୃଦ୍ଧି କରିଛନ୍ତି। ଘରୋଇ କମ୍ପାନୀଙ୍କ ସ୍ୱାର୍ଥ ସହ କେନ୍ଦ୍ରୀୟ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ନେଇ ଏଭଳି କରାଯାଉଛି। ଏପଟେ ସମସ୍ତ ଦ୍ରବ୍ୟର ଦର ବୃଦ୍ଧି ଘଟୁଛି। ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି ବୋଲି ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ରବିବାର ସମସ୍ତ ପେଟ୍ରୋଲ ଟାଙ୍କି ସମ୍ମୁଖରେ ୨ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ ସଭାରେ ଯୋଗଦେଇ ବିଜେଡ଼ି ନେତା ମାନେ କହିଛନ୍ତି। ଗଞ୍ଜାମ ଜିଲା ବିଜେଡ଼ି ଉପ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବିରେନ୍ଦ୍ର କେଶରୀ ଆରୁଖ, ଭଞ୍ଜନଗର ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ରାଜା ସାହୁ, ଏମ୍.ତାଜ୍ ଆବେନୀ, ରାଜେନ୍ଦ୍ର ବିଷୋୟୀ, ଦିବାକର ନାୟକ, ନଗର ଯୁବ ବିଜେଡ଼ି ସଭାପତି ସଧୀର ରଞ୍ଜନ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ ନେଇଥିଲେ। ଧରାକୋଟ ବ୍ଲକ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ଉଡଗାଁସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୀନା ଗୌଡ଼, ଏମ. ରାମମୂର୍ତ୍ତି ରେଡ୍ଡୀ, କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

ଖଲ୍ଲିକୋଟରେ ବିଧାୟକ ପୂର୍ଣ୍ଣଚନ୍ଦ୍ର




ଖଲ୍ଲିକୋଟରେ ଧାରଣାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ସେଠୀଙ୍କ ନେତୃତ୍ୱରେ ବହୁ କର୍ମୀ ଓ ସରପଞ୍ଚ ସମିତିସଭ୍ୟ ସମସ୍ତ ପେଟ୍ରୋଲ ପମ୍ପ ଆଗରେ ଧାରଣା ଦେଇଥିଲେ। ନେତା ଓ କର୍ମୀ ସାମିଲ ହୋଇଥିଲେ।

ସେହିପରି ସୋରଡ଼ାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ସମର୍ଥକମାନେ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦେଇଥିଲେ।

ହିଞ୍ଜିଳିକାଟୁର ବିଭିନ୍ନ ପେଟ୍ରୋଲ ପମ୍ପ ନିକଟରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଥିଲା। ଭୀମସେନ ବେହେରାଙ୍କ ନେତୃତ୍ୱରେ ଏନ. ରଘୁନାଥ, ଗ୍ରୀଟ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

ତୈଳଦର ବୃଦ୍ଧି ପ୍ରତିବାଦରେ ଶନିବାର ଯୁବ, ଛାତ୍ର, ମହିଳା ବିଜୁ ଜନତା ଦଳ ପକ୍ଷରୁ ବୁଗୁଡ଼ା ବ୍ଲକର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

କେନ୍ଦ୍ର ସରକାରଙ୍କ ଜନବିରୋଧି ନିଷ୍ପତ୍ତି ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ଚନ୍ଦ୍ରଗିରି ୧୦ନଂ ଜୋନ୍ ସ୍ତରୀୟ ବିଜେଡି ପକ୍ଷରୁ ରବିବାର ଚନ୍ଦ୍ରଗିରି ପେଟ୍ରୋଲ ପମ୍ପ ସମ୍ମୁଖରେ ୨ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ସ୍ଥାନୀୟ ସରପଞ୍ଚ ନର୍ମଦା ଦଳେଇ, ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ସଦସ୍ୟ ବାଲେନ୍ତିନି ମାଝି, ଲାବାରସିଂ ସରପଞ୍ଚ ଅଭିମନ୍ୟୁ ରଇତ, ପ୍ରଶାନ୍ତ କୁମାର ପାଳ, ସୁଶାନ୍ତ ସାବତ, ହୃଷିକେଶ ପ୍ରଧାନୀ, ମନୋଜ ଦଳପତି ପ୍ରମୁଖ ଧାରଣା ଦେଇଥିଲେ।

ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଛତ୍ରପୁର ପେଟ୍ରୋଲ ପମ୍ପ ନିକଟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ମୋଦି ସରକାରଙ୍କୁ ଏନେଇ ସମାଲୋଚନା କରାଯାଇଥିଲା। ଏଥିରେ ସୁବାସ ଚନ୍ଦ୍ର ବେହେରା, ଏମ୍.ଧନଞ୍ଜୟ ରେଡ୍ଡୀ, ଅମିତା ସାହୁ, ଏସ୍. କିଶୋର ରେଡ୍ଡୀ ପ୍ରମୁଖ ସାମିଲ ଥିଲେ।

ସେହିପରି ଫୁଲବାଣୀ ବଜାର ପେଟ୍ରୋଲ ପମ୍ପ ପରିସରରେ ବିଜେଡି ପ୍ରତିବାଦ ସଭା କରିବା ସହ ସାଧାରଣ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଅପାରଗତା ଉପରେ ଅବଗତ କରିଛି। ଜିଲା ସଭାପତି ସରୋଜ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଫୁଲବାଣୀ ବିଧାୟକ ଦୁଗୁନୀ କହଁର ଏବଂ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ।


## ମହତ୍ତ୍ୱପୂର୍ଣ୍ଣ ସୂଚନା

**ପୁରୀ ରେଳ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ୍-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲ୍‌ଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲ୍‌ଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ଼-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 14.09.2018, 15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ଼-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ-ଖୋର୍ଦ୍ଧା ରୋଡ଼ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଳାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଳାସା | 20.09.2018 ଠାରୁ 25.09.2018 |



ପୂର୍ବ ତଟ ରେଳପଥ

PR-344/J/18-19

## ସଂକ୍ଷେପରେ

### ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ

ବ୍ରହ୍ମପୁର ଅଫିସ,୯।୯: ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଓ ସଂସ୍କୃତ ଭାରତୀ ଗଞ୍ଜାମ ଜିଲା ଶାଖା ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ସଂସ୍କୃତ ଦିବସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ରାମହରିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତ ଭାରତୀ ମହାସଚିବ ଅଧାପକ ଅଜିତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅମୃତବାଣୀ ସେବା ପ୍ରତିଷ୍ଠାନ ପ୍ରତିଷ୍ଠାତା ଡ. କୁମାର ଚନ୍ଦ୍ର ମିଶ୍ର, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ପଣ୍ଡିତ ନରସିଂହ ଜେନା, ସଂସ୍କୃତ ଶିକ୍ଷା ଉପନିରୀକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ସଂସ୍କୃତ ପାଲାକାର ଗଦାଧର ଦାଶ, ସୁରେଶ କୁମାର ବିଷୋୟୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରାବଣ ପୂର୍ଣ୍ଣିମାରୁ ଜିଲାର ସମସ୍ତ ଉଚ୍ଚବିଦ୍ୟାଳୟରେ ସଂଘ ପକ୍ଷରୁ ଚାଲିଥିବା ସଂସ୍କୃତପକ୍ଷ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଏଥିରେ ଭାଗ ନେଇ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଥମ ହୋଇଥିବା ୧୫୦ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ୯ ବୟୋଜ୍ୟେଷ୍ଠ ସଂସ୍କୃତ ପଣ୍ଡିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ହେମଚନ୍ଦ୍ର ପାଢୀ, ନରସିଂହ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ବେହେରା, ରାଧାକୃଷ୍ଣ ପାଢୀ, ପ୍ରତାପଚନ୍ଦ୍ର ଶତପଥୀ, ଗୌରୀ କୁମାର ମିଶ୍ର, ବିଘ୍ନେଶ୍ୱର ରଥ, ଲଡୁକିଶୋର ସାହୁ, ସଂସ୍କୃତ ପାଲାକାର ଗଦାଧର ଦାଶ। ସହ ସମ୍ପାଦକ ବ୍ରଜ କିଶୋର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂସ୍କୃତ ଭାରତୀର ଜିଲା ସଂଯୋଜକ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଆଇଆର୍‌ଇ ଅଧିକାରୀ ପୁରସ୍କୃତ



ବ୍ରହ୍ମପୁର ଅଫିସ,୯।୯: ଦି ଓଡ଼ିଶା ସିଏସ୍‌ଆର୍ ଫୋରମ୍ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଏବଂ ପୁରସ୍କାର ପ୍ରଦାନ ଉତ୍ସବ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଉତ୍ତରଦାୟିତ୍ୱରେ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ବିରଳ ମୃତ୍ତିକା(ଆଇଆର୍‌ଇ)ର ପ୍ରଶାସନିକ ଅଧିକାରୀ ସୁକାନ୍ତ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ପଟ୍ଟନାୟକଙ୍କୁ ପୁରସ୍କୃତ କରିଥିଲେ। ଏଥି ସହ ୧୨ ଶିଳ୍ପ ସଂସ୍ଥାକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

### ଭାରତ ବନ୍ଦକୁ ଗଞ୍ଜାମ ଟ୍ରକ ମାଲିକ ସଂଘର ସମର୍ଥନ

ବ୍ରହ୍ମପୁର ଅଫିସ,୯।୯:କଂଗ୍ରେସର ସୋମବାର ଭାରତ ବନ୍ଦ ପାଳନକୁ ଗଞ୍ଜାମ ଟ୍ରକ ମାଲିକ ସଂଘ ସମର୍ଥନ ଜଣାଇଛି। ଜିଲାରେ ଥିବା ୩ ହଜାରରୁ ଊର୍ଦ୍ଧ୍ୱ ମାଲ ବୋଝେଇ ଟ୍ରକ ଚଳାଚଳ ବନ୍ଦ ହେବ। ଟ୍ରକ ମାଲିକ ସଂଘ ସଭାପତି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ବଣିକ ସଂଘ ମଧ୍ୟ ବନ୍ଦ ପାଳନରେ ସାମିଲ ହେବା ନିଷ୍ପତ୍ତି ନେଇଛି। ସମସ୍ତ ଦୋକାନ ବଜାର ବନ୍ଦ କରାଯିବାର କୁହାଯାଇଛି। ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା କହିଛନ୍ତି, ବନ୍ଦ ପାଳନକୁ ଶାନ୍ତିପୂର୍ଣ୍ଣ କରାଯିବ। ସମସ୍ତ ଜରୁରିକାଳୀନ ସେବାକୁ ବନ୍ଦ ପାଳନରୁ ବାଦ ଦିଆଯିବ। ସୋମବାର ପୂର୍ବାହ୍ନରେ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ବନ୍ଦ ପାଳନକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯିବ। ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କେନ୍ଦ୍ର ସରକାରୀ ସଂସ୍ଥା ଟେଲିଫୋନ ଭବନ, ଡ଼ାକଘର, ଆୟକର କାର୍ଯ୍ୟାଳୟ ଆଦି ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ତୈଳଦର ବୃଦ୍ଧି ରୋକିବାରେ କେନ୍ଦ୍ର ସରକାରଙ୍କ ବିଫଳତା ଏବଂ ରାଫେଲ ଯୁଦ୍ଧ ବିମାନ କିଣାରେ ହୋଇଥିବା ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ମହା ଦୁର୍ନୀତି ସମ୍ପର୍କରେ ବନ୍ଦ ପାଳନ ବେଳେ ଜନ ଜାଗରଣ ସୃଷ୍ଟି କରାଯିବାର ନଗର କଂଗ୍ରେସ ସଭାପତି ସୂଚାଇଛନ୍ତି।

■ ମହୁଡାରେ ହେବ ଲିକ୍ୟୁଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ

# ଅକ୍ଟୋବର ପ୍ରଥମ ସପ୍ତାହରୁ ଟ୍ରାଏଲ

ବ୍ରହ୍ମପୁର ଅଫିସ,୯।୯

ସହରକୁ ବାହ୍ୟ ମଳମୁକ୍ତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଗତ ମେ ୧୨ରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷରେ ୩ମାସ ମଧ୍ୟରେ ସହରର ବସ୍ତି ସମେତ ସମସ୍ତ ଅଞ୍ଚଳରେ କମ୍ୟୁନିଟି ଟଏଲେଟ, ମିନି ହାଇବ୍ରିଡ ଟଏଲେଟ, ପବ୍ଲିକ୍ ଟଏଲେଟ, ବ୍ୟକ୍ତିଗତ ଟଏଲେଟ ନିର୍ମାଣକୁ ଜୋରଦାର କରାଯାଇଛି। ଅନେକ ଅଞ୍ଚଳରେ ଶୌଚାଳୟଗୁଡିକର ପରିଚାଳନା ଦାୟିତ୍ୱ ଏସଏଚଜିଙ୍କୁ ହସ୍ତାନ୍ତର ମଧ୍ୟ କରାଯାଇଛି। ଏହି ଅଭିଯାନ ଶେଷ ପୂର୍ବରୁ ସହରରେ ଟଏଲେଟରୁ ବାହାରୁଥିବା ମଳ ପରିଚାଳନା ପାଇଁ ଲିକ୍ୟୁଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଓଡିଶା ୱାଟର ସପ୍ଲାଏ ଏଣ୍ଡ ସ୍ୱରେଜ ବୋର୍ଡ ଦ୍ୱାରା ନିର୍ମିତ ଏହି ପ୍ଲାଣ୍ଟ ଅକ୍ଟୋବର ପ୍ରଥମ ସପ୍ତାହରୁ କାର୍ଯ୍ୟକ୍ଷମ କରାଯିବାକୁ ଯୋଜନା ରଖାଯାଇଥିବା ଜଣାପଡିଛି। ବ୍ରହ୍ମପୁରର ମହୁଡାରେ ଓଡିଶା ୱାଟର ସପ୍ଲାଏ ଏଣ୍ଡ ସ୍ୱେରେଜ ବୋର୍ଡ ଦ୍ୱାରା ୨୦୧୭ ସେପ୍ଟେମ୍ବରରୁ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୧.୫ ଏକର ଅଞ୍ଚଳରେ ନିର୍ମାଣାଧୀନ ଏହି ପ୍ଲାଣ୍ଟ ପାଇଁ ୨.୪୮ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିରେ ଦିନକୁ ୪୦ ହଜାର ଲିଟର ମଳ ପରିଚାଳନା କରାଯିବାର କ୍ଷମତା ରହିବ। ଏହି ପ୍ଲାଣ୍ଟରେ ମଳ ପରିଚାଳନା କରି ସେଥିରୁ ଜଳ ଓ କମ୍ପୋଷ୍ଟ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ରହିଛି। ଏହି ପ୍ଲାଣ୍ଟ ଅକ୍ଟୋବର ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ମିଳିଥିବା ସୂଚନାନୁଯାୟୀ, ସହରରେ ବର୍ତ୍ତମାନ ୬୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି, ପବ୍ଲିକ ମିନି ହାଇବ୍ରିଡ ଟଏଲେଟ ରହିଛି। ଏହା ବ୍ୟତୀତ ଆନୁମାନିକ ୭୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଶୌଚାଳୟ ରହିଛି। ଶୌଚାଳୟର ସେପଟିକ ଟ୍ୟାଙ୍କରୁ ମଳ ବାହାର କରିବାକୁ ମହାନଗର ନିଗମ ପକ୍ଷରୁ ୪ ଗାଡି ନିୟୋଜିତ ହୋଇଛି। ଏହାଦ୍ୱାରା ଦିନକୁ ପ୍ରାୟ ୧୮ ହଜାର ଲିଟର ମଳ ବାହାରୁଛି। ଚନ୍ଦନିଆ ପାହାଡରେ ଅସ୍ଥାୟୀଭାବେ ଏହି ମଳକୁ ସାଇଣ୍ଟିଫିକାଲି ଡିସ୍‌ପୋଜାଲ କରାଯାଉଛି। କିନ୍ତୁ ଏହି ପ୍ଲାଣ୍ଟ ନିର୍ମାଣ ପରେ ମଳ ପରିଚାଳନା କରାଯାଇ ସେଥିରୁ ପାଣି ଓ ଜୈବ ଖତକୁ ଅଲଗା କରାଯିବ। ଏଥିରୁ ବାହାରୁଥିବା ଜଳକୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଉଥିବା ଚାରାରେ ଜଳସେଚନ କାର୍ଯ୍ୟରେ ନିୟୋଜିତ କରାଯିବାକୁ ଥିବା ବେଳେ ଅବଶିଷ୍ଟ ମଳ ଆବର୍ଜନାକୁ ଜୈବଖତରେ ପରିଣତ କରାଯିବ। ଯାହା ଆଖପାଖ ଅଞ୍ଚଳର ଜମିରେ ବ୍ୟବହୃତ କରାଯାଇ ପାରିବ ବୋଲି ସାନିଟେସନ ଏକ୍ସପର୍ଟ ବିଭୁଦତ୍ତ ସାହୁ କହିଛନ୍ତି। ସହରକୁ ନଭେମ୍ବର ୧୪ ପୂର୍ବରୁ ବାହ୍ୟମଳ ମୁକ୍ତ ସହରରେ ପରିଣତ କରିବାକୁ ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନକୁ ସଫଳ କରିବାରେ ଏହି ପ୍ଲାଣ୍ଟ ଯଥେଷ୍ଟ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।



ମହୁଡାରେ ନିର୍ମାଣାଧୀନ ଲିକ୍ୟୁଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ।

■ ଦିନକୁ ୪୦ ହଜାର ଲିଟର ମଳ ପରିଚାଳନା

■ ୨.୪୮ କୋଟିର ବ୍ୟୟ ଅଟକଳ

## ବ୍ରହ୍ମପୁରରେ ଖୋଲିଲା 'ବଜାର ଇଣ୍ଡିଆ'

ବ୍ରହ୍ମପୁର ଅଫିସ,୯।୯

ପୋଷାକ ଏବଂ ଗୃହ ଉପକରଣ ବିକ୍ରେତା 'ବଜାର ଇଣ୍ଡିଆ'ର ଏକ ନୂତନ ଷ୍ଟୋର୍ ରବିବାର ବ୍ରହ୍ମପୁର ସହରସ୍ଥିତ ସିଟି ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ବ୍ୟବସାୟୀ କୃଷ୍ଣଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କମ୍ପାନୀ ସିଓଓ ଅଙ୍କିତ ଜୈନ୍, ଏରିଆ ମ୍ୟାନେଜର୍ ଉମାକାନ୍ତ ଗୟା, ଷ୍ଟୋର୍ ମ୍ୟାନେଜର୍ ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାରା ଭାରତରେ ବଜାର ଇଣ୍ଡିଆର ଏହା ୬୨ତମ ଷ୍ଟୋର୍ ହୋଇଥିବା ବେଳେ ଓଡ଼ିଶାରେ ହେଉଛି ଦଶମ ଷ୍ଟୋର୍। କଟକ, ଭୁବନେଶ୍ୱର, ନୟାଗଡ଼, ବାରିପଦା, ବଲାଙ୍ଗୀର, ଢ଼େଙ୍କାନାଳ ଓ ସମ୍ବଲପୁର ଭଳି ସହରରେ ବଜାର ଇଣ୍ଡିଆର ଷ୍ଟୋର୍ ରହିଛି। 'ଫେଶନ୍ କେ ସାଥ୍ ବଚତ୍ ଭି' ଅର୍ଥାତ କମ୍ ଦରରେ ଆକର୍ଷଣୀୟ ଏବଂ ଟ୍ରେଣ୍ଡି ପୋଷାକ ସ୍ଲୋଗାନ୍ ଦେଇ ଏହି କମ୍ପାନୀ ଓଡ଼ିଶାର ଅନ୍ୟ ସହରଗୁଡ଼ିକରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଥିବା ଯୋଗୁ ବ୍ରହ୍ମପୁରବାସୀଙ୍କ ମଧ୍ୟରେ ବେଶ୍ ଆଦୃତ ହେବ ବୋଲି ସିଓଓ ଅଙ୍କିତ ଜୈନ୍ ପ୍ରକାଶ କରିଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଛି। ଗ୍ରାହକଙ୍କ ଚାହିଦାକୁ ଦେଖି ନୂତନ କଲେକ୍ସନ୍ ରଖାଯିବ। ଏଥି ସହ ଆକର୍ଷଣୀୟ ଗିଫ୍ଟ ଏବଂ ଲକି ଡ୍ର ମଧ୍ୟ ଘୋଷଣା କରାଯିବ ବୋଲି ସେ କହିଛନ୍ତି। ଗ୍ରାହକଙ୍କ ସନ୍ତୁଷ୍ଟି ହିଁ କମ୍ପାନୀର ମୂଳ ଲକ୍ଷ୍ୟ। ସେଥି ପାଇଁ ବଜାର ଇଣ୍ଡିଆ ଆଜି ଗ୍ରାହକଙ୍କ ମଧ୍ୟରେ ଆଦୃତଲାଭ କରିପାରିଛି। ସମ୍ପ୍ରତି ସମସ୍ତ ପ୍ରକାର ଜିନ୍ସରେ ୨୫ପ୍ରତିଶତ ରିହାତି ସହ ଗିଫ୍ଟ ୨ହଜାରର କ୍ରୟ ଉପରେ ୨ଶହ ଟଙ୍କା ଏବଂ ୪ହଜାରର କ୍ରୟ ଉପରେ ୫ଶହ ଟଙ୍କା ଗିଫ୍ଟ ଭାଉଚର୍ ରଖାଯାଇଛି। ୪୯୯ଟଙ୍କାରୁ ଅଧିକ କ୍ରୟ ଉପରେ ଲକି ଡ୍ର ରହିଛି। ପୁରସ୍କାର ଭାବେ ଗ୍ରାହକମାନେ ବାଇକ୍, ଫ୍ରିଜ୍, ୱାଶିଂ ମଶିନ୍ ଏବଂ ଏଲ୍‌ସିଡି ଟିଭି ପାଇପାରିବେ ବୋଲି ସେ କହିଛନ୍ତି।



ମୁଖ୍ୟଅତିଥି ଷ୍ଟୋର୍‌କୁ ଉଦ୍‌ଘାଟନ କରୁଛନ୍ତି।

## ନ୍ୟାୟ ସଂଯୋଗ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୯।୯

ଗଞ୍ଜାମ ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟରେ 'ନ୍ୟାୟ ସଂଯୋଗ' କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର ଭିଡ଼ିଓ କନ୍‌ଫରନ୍‌ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ଆଇନଗତ ସୁବିଧା ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ କରିବା ହେଉଛି ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ। ଏହି ସୁବିଧା ଯୋଗାଇବା ପାଇଁ ଜଣେ ପାରାଲିଗାଲ୍ ଭଲ୍ୟୁଣ୍ଟିୟର୍ ଓ ଜଣେ ପ୍ୟାନେଲ୍ ଆଇନ୍‌ଜୀବୀ ପ୍ରାଧିକରଣ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହିବେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଭୁପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ବିଜୟ କୁମାର ଦାସ, ସଦର କୋର୍ଟର ସମସ୍ତ ବିଚାରପତି, ପ୍ୟାନେଲ୍ ଓକିଲ ଏବଂ ପାରାଲିଗାଲ୍ ଭଲ୍ୟୁଣ୍ଟିୟର୍‌ମାନେ ଉପସ୍ଥିତ ଥିଲେ।

## 'ମୋ ଭାରତ ସ୍ୱର୍ଣ୍ଣିମ ଭାରତ' ଅଭିଯାନ

ବ୍ରହ୍ମପୁର ଅଫିସ୍,୯।୯

ଭାରତୀୟ ସଂସ୍କୃତିର ମୌଳିକ ଗୁଣ ସମୂହକୁ ପୁଣିଥରେ ଜାଗୃତ କରି ଭାରତକୁ ବିଶ୍ୱଗୁରୁ ରୂପେ ପରିଣତ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା 'ମୋ ଭାରତ, ସ୍ୱର୍ଣ୍ଣିମ ଭାରତ' ଅଭିଯାନ ରବିବାର ବ୍ରହ୍ମପୁର ସହରରେ ପହଞ୍ଚିଛି। ଗିରିରୋଡ୍‌ସ୍ଥିତ ଶାନ୍ତିକୁଞ୍ଜ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଅଭିଯାନ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଯୋଗଦେଇଥିଲେ। ଚଳିତ ଏକବିଂଶ ଶତାବ୍ଦୀରେ ଭାରତ ସହିତ ସମଗ୍ର ବିଶ୍ୱରେ ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ ଘଟିଛି। ପାରସ୍ପରିକ, ସାମାଜିକ ତଥା କର୍ମକ୍ଷେତ୍ରରେ ମତାନ୍ତର ସୃଷ୍ଟି ହେଉଛି। ମାନବ ସମାଜ ମାନସିକ ଅସନ୍ତୁଳନ, ଅଶାନ୍ତି, ଦ୍ୱନ୍ଦ୍ୱ, ଘୃଣା ଓ ହିଂସା ଆଦିରେ ଲିପ୍ତ ହୋଇ ମୂଲ୍ୟହୀନ ହୋଇପଡ଼ିଛି। ଏଭଳି ସମୟରେ ଦାୟିତ୍ୱ ସମ୍ପନ୍ନ କରାଇ ସ୍ୱୟଂ ମୂଲ୍ୟ–ଗୁଣରେ ବିଭୂଷିତ ହୋଇ ଭାରତକୁ ପୁଣିଥରେ ବିଶ୍ୱଗୁରୁ ରୂପେ ଅଧିଷ୍ଠାନ କରିବା ସକାଶେ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି କୁହାଯାଇଥିଲା। ଲକ୍ଷ୍ୟ ହେଉଛି ଆଧ୍ୟାତ୍ମିକ ଜ୍ଞାନ ଏବଂ ରାଜଯୋଗର ଅଭ୍ୟାସ ଦ୍ୱାରା ଯୁବ ବର୍ଗ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ, ଆଧ୍ୟାତ୍ମିକ ଗୁଣର ଧାରଣା ଏବଂ ଦିବ୍ୟ ଶ୍ରେଷ୍ଠ ଚରିତ୍ର ନିର୍ମାଣ। ୨୦୧୭ ଅଗଷ୍ଟ ୧୨ରୁ ଏହି ଅଭିଯାନ ଆରମ୍ଭ ହୋଇ ୨୦୨୦ରେ ସରିବ।

## ଧର୍ମଘଟ ସଫଳ ପାଇଁ ଏସ୍‌ୟୁସିଆଇର ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୯।୯

ଆକାଶଛୁଆଁ ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ଓ ନିତ୍ୟ ପ୍ରୟୋଜନୀୟ ଜିନିଷର ମୂଲ୍ୟବୃଦ୍ଧି, ବେକାରି ସମସ୍ୟା ପ୍ରଭୃତିକୁ ବିରୋଧ କରି କଂଗ୍ରେସ ଓ ବାମପନ୍ଥୀଦଳ ପକ୍ଷରୁ ସୋମବାର ଭାରତବନ୍ଦ ଡାକରା ଦିଆଯାଇଛି। ଏହାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସମର୍ଥନ ଜଣାଇଛି। ଏହାକୁ ସଫଳ କରିବା ଓ ଜନସଚେତନତା ସୃଷ୍ଟି ନେଇ ଦଳ ପକ୍ଷରୁ ରବିବାର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ରେଳଷ୍ଟେଶନରୁ ଏହି ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ସହ ଆନ୍ଦୋଳନରେ ସହରବାସୀ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଗଞ୍ଜାମ ଜିଲା ସାଙ୍ଗଠନିକ କମିଟି ସମ୍ପାଦକ ସୋମନାଥ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ଦଳର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କର୍ମକର୍ତ୍ତାମାନେ ସହର ପରିକ୍ରମା କରୁଛନ୍ତି।

■ ବ୍ରଜନଗର ଉନ୍ନୟନ ପରିଷଦ ବୈଠକ : ସହରତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ ପ୍ରସଙ୍ଗ

# ମାସର ପ୍ରଥମ ରବିବାର ଧାରଣା ଦେବାକୁ ନିଷ୍ପତ୍ତି

ବ୍ରହ୍ମପୁର ଅଫିସ,୯।୯

ବ୍ରଜନଗର ଉନ୍ନୟନ ପରିଷଦର ମାସିକ ବୈଠକ ବ୍ରଜନଗର ରାଧାକୃଷ୍ଣ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ଉପସଭାପତି ଡା. ଶିବପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ। ବ୍ରଜନଗର ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ଯୋଗାଇ ଦିଆଯାଉଥିଲେ ମଧ୍ୟ ଉକ୍ତ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୋଇଥିଲା। ଏହି ଅଞ୍ଚଳରେ ପଞ୍ଚାୟତ କାର୍ଯ୍ୟାଳୟକୁ ସରକାରଙ୍କ ପକ୍ଷରୁ ଷ୍ଟ୍ରିଟ ଲାଇଟ ଯୋଗାଇ ଦିଆଯାଇଛି। ଏହାର ନିକଟସ୍ଥ ପଞ୍ଚାନନ ନଗର ବସ୍ତିରେ ଷ୍ଟ୍ରିଟ ଲାଇଟ ଲଗାଯାଇଥିବା ବେଳେ ଏହି ଅଞ୍ଚଳକୁ ଅବହେଳା କରାଯାଉଛି। ବ୍ରଜନଗର କଲ୍ୟାଣ ମଣ୍ଡପ ଓ ଅଙ୍ଗନୱାଡିକେନ୍ଦ୍ର ଗୃହ ନିମନ୍ତେ ମଞ୍ଜୁର ହୋଇଥିବା ଅର୍ଥ ବିନିଯୋଗ ହୋଇପାରି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ରଜନଗର ସମେତ ସହରତଳି ଅଞ୍ଚଳରେ ବୃଦ୍ଧି ପାଉଥିବା ଚୋରି ଓ ଆପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ନିମଖଣ୍ଡିସ୍ଥିତ ଫାଣ୍ଡିକୁ ନିୟମିତ ଥାନାରେ ପରିଣତ କରିବା ଏବଂ ଦୁଇଟି ନୂତନ ଫାଣ୍ଡି ବ୍ରଜନଗର ଓ ନୀଳାଞ୍ଚଳ ନଗରରେ ସ୍ଥାପନ କରିବାକୁ ବ୍ରହ୍ମପୁର ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ ସହରତଳି ସମସ୍ତ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନେଇ ଚାଲିଥିବା ଆନ୍ଦୋଳନକୁ ନୂଆ ରୂପରେଖ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା। ଦାବି ପୂରଣ ନେଇ ପ୍ରତିମାସର ପ୍ରଥମ ରବିବାର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ କୃଷ୍ଣଚନ୍ଦ୍ର ମିଶ୍ର, ଭଞ୍ଜଦେବ ପାତ୍ର, କୃଷ୍ଣମୋହନ ପାଢୀ, ନଳିନୀ କାନ୍ତ ଚୌଧୁରୀ, ପ୍ରମୋଦ ଚନ୍ଦ୍ର ପାଢୀ, ଶ୍ରୀମନ୍ତ ପାଣିଗ୍ରାହୀ ଓ ଶଙ୍କର ନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଉନ୍ନୟନ ପରିଷଦ କର୍ମକର୍ତ୍ତା।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ବିଶ୍ୱ



@ ପ୍ରଶାନ୍ତ



@ ବାପିନି

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଦିବ୍ୟ ଜୀବନ ସଂଘ ମହିଳା ଶାଖାର ଚିଦାନନ୍ଦ ଜୟନ୍ତୀ

ବ୍ରହ୍ମପୁର ଅଫିସ,୯।୯

ସ୍ଥାନୀୟ ମ୍ୟୁନିସିପାଲ କଲୋନୀସ୍ଥ ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ୧୦୨ତମ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଅରୁଣ କୁମାର ଦାସ ଚିଦାନନ୍ଦଙ୍କ ଜୀବନୀ ନେଇ ଆଲୋକପାତ କରିଥିଲେ। ଏଥିରେ ଶିବାନନ୍ଦ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ବିଦ୍ୟାର୍ଥୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମହିଳା ଶାଖା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ ସଂଯୋଜନା କରିଥିବା ବେଳେ ଭାରତୀ ମିଶ୍ର, ସରସ୍ୱତୀ ପାରିଗ୍ରାହୀ, ପ୍ରମିଳା ମହାରଣା, କାନ୍ତା ବେହେରା ଓ ଶାନ୍ତି ଭୂଷଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ସେପ୍ଟେମ୍ବର ୧୦/୨୦୧୮ Berhampur, Monday, September 10/ 2018

## ସଂକ୍ଷେପରେ

### ୧୧ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ବୁଗୁଡ଼ା,୯।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବାଲିପଦର ପଞ୍ଚାୟତରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୧୧ ପ୍ରକଳ୍ପର ଶିଳାନ୍ୟାସ ରବିବାର ହୋଇଯାଇଛି। ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ୧୧ ପ୍ରକଳ୍ପକୁ ବିଧାୟକ ଶ୍ରୀକାନ୍ତ ସାହୁ ଶିଳାନ୍ୟାସ କରି ଶୁଭାରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ଟୁକୁନା ସ୍ୱାଇଁ, ରେବତୀ ମୋହନ ନାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ୧୬ ଶିଶୁ ଶ୍ରମିକ ଉଦ୍ଧାର

ହିଞ୍ଜିଳିକାଟୁ,୯।୯(ଡି.ଏନ୍.ଏ.): ପରୀ-୨ ଅଭିଯାନରେ ହିଞ୍ଜିଳି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ପୋଲିସ ଚଢ଼ାଉ କରି ୧୬ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏମାନଙ୍କୁ ବିଭିନ୍ନ ଗ୍ୟାରେଜ, ହୋଟେଲ ଓ ରେଷ୍ଟୁରାଣ୍ଟରୁ ଉଦ୍ଧାର କରାଯାଇଥିବା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଉଦ୍ଧାର ଶିଶୁମାନଙ୍କୁ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି।

### ବଡ ଭାଇଙ୍କୁ ଆକ୍ରମଣ, ସାନ ଭାଇ ଗିରଫ

ଆସିକା,୯।୯(ଡି.ଏନ୍.ଏ.): ଗାଙ୍ଗପୁର ଥାନା ବଡ ସାଦରା ଗ୍ରାମରେ ବଡଭାଇଙ୍କୁ ଆକ୍ରମଣ ଅଭିଯୋଗରେ ସାନ ଭାଇ ବିଶୁ ଗୌଡଙ୍କୁ ପୋଲିସ ରବିବାର ଗିରଫ କରିଛି। ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ବିଶୁ ତାଙ୍କ ବଡ଼ ଭାଇ ଧନୁଙ୍କୁ ଠେଙ୍ଗାରେ ପିଟିଥିଲେ। ଧନୁ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଶନିବାର ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୧୨୫/୧୮ରେ ମାମଲା ରୁଜୁ ହୋଇଥିବା ସବଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି।

## ନିଶା ହଟାଅ-ଦେଶ ବଞ୍ଚାଅ ଦାବିରେ

# ବିଶାଳ ଆଦିବାସୀ ସମାବେଶ

ଦିଗପହଣ୍ଡି,୯।୯(ଡି.ଏନ.ଏ.)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ରାଜ୍ୟ କମିଟି ପକ୍ଷରୁ ନିଶା ହଟାଅ ଦେଶ ବଞ୍ଚାଅ ଦାବିରେ ରବିବାର ବିଶାଳ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଖେମୁଣ୍ଡି କାଲୁଆ ଶକ୍ତିପୀଠରେ ଆୟୋଜିତ ସମାବେଶରେ ସାମାଜିକ କର୍ମୀ କୁରେଶୁ ମହାରଣା ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲା କମିଟି ସଭାପତି ରାଧା ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ପଦ୍ମଚରଣ ନାୟକ, ଶୈଳଜ ରବି, ବାସୁଦେବ ଶେଖର, ବୃନ୍ଦାବନ ସେଠୀ, ରବି ମଲ୍ଲିକ ପ୍ରମୁଖ ଅତିଥିବୃନ୍ଦ ମଞ୍ଚାସୀନ ଥିଲେ।

ମଦ ପିଇ ବହୁ ବ୍ୟକ୍ତି ଅକାଳରେ ମୃତ୍ୟୁବରଣ କରୁଛନ୍ତି। ରୋଜଗାରର ଅର୍ଦ୍ଧାଧିକ ଅର୍ଥ ମଦରେ ଯାଉଛି। ମଦର ବହୁଳ ପ୍ରଚାର ପ୍ରସାର ଯୋଗୁଁ ସାମାଜିକ ବିଶୃଙ୍ଖଳା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଥିଲା। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ନିଶା ନିବାରଣ ସଚେତନତା ସଭା ଶୋଭାଯାତ୍ରା କରାଯିବା ସହ ପ୍ରତି ନିର୍ବାଚନ ମଣ୍ଡଳୀର ବିଧାୟକମାନଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ ନିମନ୍ତେ ସମାବେଶରେ ଘୋଷଣା କରାଯାଇଥିଲା। ସମାବେଶରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ସହସ୍ରାଧିକ ମହିଳା ପୁରୁଷ ସମବେତ ହୋଇଥିଲେ। ଶେଷରେ ନିଶା ନିବାରଣ ଅଭିଯାନ ଗଞ୍ଜାମ ଜିଲା କମିଟି ସମ୍ପାଦକ ଗୁପ୍ତେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।




ଶୋଭାଯାତ୍ରାରେ ଉପସ୍ଥିତ ନେତୃବୃନ୍ଦ।

# ଅଜଣା ଜନ୍ତୁ ଆକ୍ରମଣରେ ୧୧ ଛେଳି ଛୁଆ ମୃତ

ବୁଗୁଡ଼ା,୯।୯(ଡି.ଏନ.ଏ.)

ବୁଗୁଡ଼ା ସହର ଯାଦବ ସାହିରେ ଅଜଣା ଜନ୍ତୁ ଆକ୍ରମଣରେ ୧୧ ଛେଳି ଛୁଆଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବୁଗୁଡ଼ା ଯାଦବ ସାହିର କାଳିଆ ପାତ୍ରଙ୍କ ଗୁହାଳରେ ଶନିବାର ରାତିରେ ଛେଳି ଥିଲେ। ସେଥିମଧ୍ୟରେ ୫ ଦିନରୁ ୧୦ ଦିନର ଛେଳିଛୁଆ କେତେଗୁଡ଼ିଏ ଥିଲେ। ସେହି ରାତିରେ କୌଣସି ଅଜଣା ଜନ୍ତୁ ଆସି ୧୧ ଛେଳି ଛୁଆ ବେକକୁ କାମୁଡ଼ି ଦେବା ଫଳରେ ସେମାନଙ୍କର ମୃତ୍ୟୁ ହୋଇଛି। ଏନେଇ କାଳିଆ ପ୍ରାଣୀ ସମ୍ପଦ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଜଣାଇଥିଲେ। ଛେଳି ଛୁଆଗୁଡ଼ିକୁ କଟାସ (ବଣଭୁଆ) ଜାତୀୟ ପ୍ରାଣୀ ବେକକୁ ଧରି ମାରି ଦେଇଥିବାର ବନାଞ୍ଚଳ ଅଧିକାରୀ କହିଛନ୍ତି। କାଳିଆଙ୍କ କହିବା ଅନୁସାରେ ଭୋରରୁ ଉଠି ଦେଖିଲା ବେଳକୁ ଗୋଟିଏ ଅଜଣା ଜନ୍ତୁ ଦୌଡ଼ି ପଳାଇଥିବା ସେ ଦେଖିଥିଲେ।

### ଗୋଳନ୍ଥରା ଅଞ୍ଚଳରେ ଚୋରି ବୃଦ୍ଧି

କନିଷି,୯।୯(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ରଣ୍ଡା, ଗୋଳନ୍ଥରା, କନିଷି ଓ ହଳଦିଆପଦର ଆଦି ଅଞ୍ଚଳରେ ଚୋରି, ଡ଼କାୟତି ବଢ଼ିବାରେ ଲାଗିଛି। ଗତ କିଛିଦିନ ତଳେ ହଳଦିଆପଦର ୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଚୋରି ହୋଇଥିଲା। ସେହିପରି କନିଷି ହାଟସ୍ଥିତ ମହାବୀର ଟାୟାର ଦୋକାନ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ଏନେଇ ଗୋଳନ୍ଥରା ଥାନାରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ହେଲେ ଚୋର ଧରିପାରି ନାହାନ୍ତି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ